# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୭ ମସିହା ଡିସେମ୍ବର ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

❖ ଧାନ ଅମଳ ପରେ ସାଇତି ରଖିବା ପାଇଁ ଶତକଡା ୧୪ ଭାଗ ଜଳୀୟ ଅଂଶ ଥିବା ପର୍ଯ୍ୟନ୍ତ ଶୁଖାଇ ରଖନ୍ତୁ । ମାତ୍ର ବିହନ ପାଇଁ ରଖିବାକୁ ଥିଲେ ଶତକଡା ୧୨ ଭାଗ ଜଳୀୟ ଅଂଶ ଥିବା ପର୍ଯ୍ୟନ୍ତ ଶୁଖାଇ ରଖନ୍ତୁ ।

❖ ଖରାଦିନିଆ ରୁଆ ଧାନ ଚାଷ ନିମନ୍ତେ ଧାନ କିସମ ଯଥା-ସି.ଆର୍.ଧାନ-୬୦୧, IR-୬୪, ଚନ୍ଦନ, ଲଲାଟ, ଉନ୍ନତ ଲଲାଟ, ନବୀନ, MTU-୧୦୧୦, ଶତାବ୍ଦୀ, ଖଣ୍ଡଗିରୀ ଇତ୍ୟାଦି ବ୍ୟବହାର କରନ୍ତୁ । ଉପକୂଳିଆ ଲୁଣି ଅଞ୍ଚଳ ପାଇଁ ଲୁଣାସଂଖୀ କିସମ ବ୍ୟବହାର କରନ୍ତୁ । ଏଥିସହିତ ସଙ୍କର କିସମ ଧାନ ଯଥା ଅଜୟ, ରାଜଲକ୍ଷ୍ମୀ ମଧ ବ୍ୟବହାର କରିପାରିବେ । ସିଧା କାଦୁଅ ବୁଣା କରିବା ପାଇଁ ନବୀନ, ଶତାବ୍ଦୀ, ଲଲାଟ, ଖଣ୍ଡଗିରୀ ଇତ୍ୟାଦି ବ୍ୟବହାର କରନ୍ତୁ ।

❖ ରୁଆ ଧାନ ନିମନ୍ତେ ଏକ ଏକର ଅଧିକ ଅମଳକ୍ଷମ ଧାନ ପାଇଁ ୧୪ ରୁ ୧୬ କି.ଗ୍ରା. ଏବଂ ଶଙ୍କର କିସମ ନିମନ୍ତେ ୫ ରୁ ୬ କି.ଗ୍ରା. ପର୍ଯ୍ୟନ୍ତ ବିହନ ବ୍ୟବହାର କରନ୍ତୁ ।

❖ ତଳିଘରାରେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନକୁ ୨ ଗ୍ରାମ୍ ବାଭିଷ୍ଟିନ୍ ବ୍ୟବହାର କରି ବିଶୋଧନ କରନ୍ତୁ ।

❖ କାଦୁଅ କରି ସମତୁଲ ହୋଇଥିବା ତଳିଘରାରେ ବିହନକୁ ଗଜା କରି ଯଥାଶିଘ୍ର ବୁଣି ଦିଅନ୍ତୁ । ଶଙ୍କର କିସମ ଧାନ ପାଇଁ ପ୍ରତି ବର୍ଗମିଟରରେ ୨୦-୨୫ ଗ୍ରାମ୍ ହିସାବରେ ଗଜା ହୋଇଥିବା ଧାନ ବିହନ ବୁଣି ଦିଅନ୍ତୁ । ଏକ ଏକର ଜମିରେ ରୋଇବା ପାଇଁ ୩୦୦-୪୦୦ ବର୍ଗମିଟର ପର୍ଯ୍ୟନ୍ତ ତଳିଘରା ଆବଶ୍ୟକ ହୋଇଥାଏ ।

❖ ଗଜା ହୋଇଥିବା ଧାନ ବୁଣିବାର ୨ ରୁ ୩ ଦିନ ପରେ ହାଲୁକା ଭାବରେ ତଳି ଘରାରେ ପାଣି ମଡାଇ ଦିଅନ୍ତୁ । ପରବର୍ତ୍ତୀ ପର୍ଯ୍ୟାୟରେ ହାଲୁକା ଭାବରେ ପାଣି ମଡାନ୍ତୁ ।

❖ ରୁଆ ଧାନ ଏବଂ କାଦୁଆ ବୁଣା ଧାନ ପାଇଁ ବିଲକୁ ଭଲଭାବରେ ଚାଷ କରି ପ୍ରସ୍ତୁତ କରନ୍ତୁ । ସେଥିରେ ଠିଆ ପାଣି ରଖି କାଦୁଅ କରି ଦିଅନ୍ତୁ ।

******